# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 3 December - 2024

### News Editor : *Itishree Singh Rathuar*

**********************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱରରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିର ଅନାବରଣ କଲେ ରାଷ୍ଟ୍ରପତି ।

- ପୁରୀରେ ଆସନ୍ତାକାଲି ନୌସେନା ଦିବସ ସମାରୋହ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ହେବେ ସାମିଲ ।

- ଦେଶବାସୀଙ୍କ ଉଦ୍ଦେଶ୍ୟରେ ୩ଟି ନୂତନ ଅପରାଧିକ ଆଇନ୍‌କୁ ଉତ୍ସର୍ଗ କଲେ ପ୍ରଧାନମନ୍ତ୍ରୀ; କହିଲେ ନୂତନ ନ୍ୟାୟସଂହିତା ଭାରତର ନ୍ୟାୟଯାତ୍ରାରେ ମାଇଲଖୁଣ୍ଟ ହେବ ।

- ଓଡ଼ିଶାରେ ରେଳର ବିକାଶ ପାଇଁ ୭୩ହଜାର ୭୨୩ କୋଟି ଟଙ୍କା ମଞ୍ଜୁର କଲେ କେନ୍ଦ୍ର ସରକାର ।

ଏବଂ

- ଦିବ୍ୟାଙ୍ଗଙ୍କ ପାଇଁ ସୁଲଭ ଓ ସମାବେଶୀ ବାତାବରଣ ସୃଷ୍ଟି ଲକ୍ଷ୍ୟରେ କାର୍ଯ୍ୟ କରୁଥିବା ସୁଗମ୍ୟ ଭାରତ ଅଭିଯାନକୁ ପୁରିଲା ୯ ବର୍ଷ ।

# ରାଷ୍ଟ୍ରପତି-ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଭୁବନେଶ୍ୱରରେ ପହଞ୍ଚିବା ପରେ ନୀଳାଦ୍ରିବିହାରଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନୂଆ ପ୍ରତିମୂର୍ତ୍ତିର ଅନାବରଣ କରିଛନ୍ତି। ଏହାପରେ ଶ୍ରୀମତୀ ମୁର୍ମୁ ଆଦିବାସୀଙ୍କ ଇଷ୍ଟଦେବ ମାରାଙ୍ଗ ବୁରୁଙ୍କ ଦେବସ୍ଥାନ ପରିଦର୍ଶନ କରିଛନ୍ତି ।

ଆସନ୍ତାକାଲି ରାଷ୍ଟ୍ରପତି ପୁରୀ ଗସ୍ତରେ ଯାଇ ଶ୍ରୀଜଗନ୍ନାଥ ମନ୍ଦିରରେ ଦର୍ଶନ ଓ ପୂଜାର୍ଚ୍ଚନା କରିବେ। ପରେ ରାଷ୍ଟ୍ରପତି ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବରେ ଯୋଗଦେବେ। ଅପରାହ୍ନରେ ପୁରୀ ବ୍ଲୁ ଫ୍ଲାଗ୍ ବେଳାଭୂମିରେ ନୌସେନା ଦିବସ ସମାରୋହ ଓ ସମରକୌଶଳ ପ୍ରଦର୍ଶନରେ ରାଷ୍ଟ୍ରପତି ମୁଖ୍ୟ ଅତିଥି ଭାବେ ଯୋଗଦେବେ।

ଆସନ୍ତା ୫ ତାରିଖ ଗୁରୁବାର ଦିନ ରାଷ୍ଟ୍ରପତି ଭୁବନେଶ୍ୱରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୪୦ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ସହ ନ୍ୟାୟିକ ଅଦାଲତର ନୂଆ ଅଟ୍ଟାଳିକାକୁ ଉଦ୍‌ଘାଟନ କରିବେ। ୬ ତାରିଖ ଶୁକ୍ରବାର ଦିନ ରାଷ୍ଟ୍ରପତି ମୟୂରଭଞ୍ଜ ଉପରବେଡ଼ାଠାରେ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ସହ ମତବିନିମୟ କରିବେ ଏବଂ ସେହିଦିନ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀମାନଙ୍କ ସହ କଥାହେବେ। ୭ ତାରିଖ ଶନିବାର

ଦିନ ଶ୍ରୀମତୀ ମୁର୍ମୁ ବାଙ୍ଗିରିପୋଷି-ଗୋରୁମହିଷାଣୀ, ବୁରମରା-ଚକୁଳିଆ ଏବଂ ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳଲାଇନ୍, ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର, ଦାଣ୍ଡବୋଷ ଏୟାରଷ୍ଟ୍ରିପ ଏବଂ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ସମେତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

# ପ୍ରଧାନମନ୍ତ୍ରୀ

ନୂତନ ନ୍ୟାୟସଂହିତା ଭାରତର ନ୍ୟାୟଯାତ୍ରାରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଚଣ୍ଡୀଗଡ଼ଠାରେ ଆଜି ତିନୋଟି ନୂତନ ଅପରାଧିକ ଆଇନ- ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମର ସଫଳ ରୂପାୟନକୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଉତ୍ସର୍ଗ କରିଛନ୍ତି । ଏହି ଅବସରରେ ଶ୍ରୀ ମୋଦୀ କହିଛନ୍ତି, ଦେଶ ବିକଶିତ ଭାରତର ସଂକଳ୍ପ ନେଇ ଆଗକୁ ବଢୁଛି । ଏହାସହ ସମ୍ବିଧାନ ଗ୍ରହଣ ତଥା ପ୍ରଣୟନର ୭୫ ବର୍ଷ ପୂରଣ ହୋଇଛି । ଏହି ପରିପ୍ରେକ୍ଷୀରେ ନୂତନ ସଂହିତା ଲାଗୁହେବା ସକାରାତ୍ମକ ଆରମ୍ଭ । ଏହି ଆଇନଗୁଡ଼ିକର ପରିସର ବ୍ୟାପକ ରହିଛି । ଦେଶର ସାମର୍ଥ୍ୟର ଉପଯୋଗ ଦେଶର ହିତ ପାଇଁ ହେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ସମଗ୍ର ଦେଶରେ ଆସନ୍ତା ୩ ବର୍ଷ ମଧ୍ୟରେ ନୂତନ ଅପରାଧିକ ଆଇନ୍ ଲାଗୁ କରାଯିବ । ନୂତନ ଆଇନ୍ ଲୋକଙ୍କୁ ନ୍ୟାୟ ପ୍ରଦାନ ପାଇଁ ଭାରତୀୟ ସଂସଦରେ ଭାରତୀୟଙ୍କ ଦ୍ୱାରା

ପ୍ରଣୟନ କରାଯାଇଛି । ସୂଚନା ଅନୁସାରେ ଗତ ଜୁଲାଇ ୧ ତାରିଖରେ ଦେଶବ୍ୟାପୀ ଏହି ନୂତନ ଆଇନ କାର୍ଯ୍ୟକାରୀ ହୋଇଥିଲା ।

## ବିଧାନସଭା

ବିଧାନସଭାରେ ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ନେଇ ଆଗତ ମୁଲତବୀ ପ୍ରସ୍ତାବ ଉପରେ ଖାଦ୍ୟଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉତ୍ତର ରଖି କହିଛନ୍ତି, ଚଳିତବର୍ଷ ପ୍ରତିକୂଳ ପାଗଯୋଗୁଁ ଦେଶର ବିଭିନ୍ନ ସ୍ଥାନରେ ଜିନିଷ ଗୁଡ଼ିକର ଆମଦାନୀ ହ୍ରାସ ପାଇବା ସହ ମୂଲ୍ୟବୃଦ୍ଧି ହୋଇଛି । ମନ୍ତ୍ରୀ କହିଛନ୍ତି ଆଳୁ ଚାଷରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ ପଦକ୍ଷେପ ନିଆଯିବା ସହ ପ୍ରତ୍ୟେକ ଜିଲ୍ଲାରେ ଶୀତଳଭଣ୍ଡାର ନିର୍ମାଣ ଓ ଉତ୍ପାଦିତ ଆଳୁର ସଂରକ୍ଷଣ ପାଇଁ ପ୍ରୟାସ କରାଯାଉଛି । ଜିଲ୍ଲାପାଳମାନଙ୍କୁ ସ୍ଥାନୀୟ ବ୍ୟବସାୟୀ ମାନଙ୍କ ସହ ବୈଠକ କରି ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ତଥା ଉପଲବ୍ଧତା ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ଓ ଜିଲ୍ଲାସ୍ତରରେ ଦରଦାମ ନିୟନ୍ତ୍ରଣ ପାଇଁ ସରକାର ଓ ବ୍ୟବସାୟୀଙ୍କ ମଧ୍ୟରେ ବୈଠକ କରାଯାଉଛି । ଏହାବ୍ୟତୀତ ମୁନାଫାଖୋର ବ୍ୟବସାୟୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଖାଉଟୀମାନେ କିଭଳି ସୁଲଭ ମୂଲ୍ୟରେ ସାମଗ୍ରୀ ପାଇପାରିବେ ସେ ନେଇ ସରକାର ବ୍ୟବସ୍ଥା କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

## ବିଧାନସଭା-ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ

ବିଧାନସଭାରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ନିମନ୍ତେ

୨୦୨୩-୨୪ ଆର୍ଥିକ ବର୍ଷରେ ୨୧୦କୋଟି ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ୧ ହଜାର କୋଟି ଟଙ୍କା ମଞ୍ଜୁର ହୋଇଛି । ଏହି ପ୍ରକଳ୍ପ ୪ ବର୍ଷ ମଧ୍ୟରେ ୨୦୨୭ ମସିହା ଡିସେମ୍ବର ମାସ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ପ୍ରକଳ୍ପ କାର୍ଯ୍ୟ ସମୟରେ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱ ପ୍ରଶସ୍ତିକରଣ ପାଇଁ ସ୍ଥିର କରାଯାଇଛି ଏବଂ ଏଥିଲାଗି ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି ।

## ଅଶ୍ୱିନୀ ବୈଷ୍ଣବ-ରେଳର ବିକାଶ

ଓଡ଼ିଶାରେ ରେଳର ବିକାଶ ପାଇଁ କେନ୍ଦ୍ର ସରକାର ୭୩ହଜାର ୭୨୩କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଏଥିରେ ପ୍ରସ୍ତାବିତ ରାୟଗଡା ରେଳମଣ୍ଡଳକୁ ମଞ୍ଜୁରୀ ମିଳିଛି । ରେଳମଣ୍ଡଳ କାର୍ଯ୍ୟାଳୟ ନିର୍ମାଣ ପାଇଁ ୧୦୭ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି । ଅମୃତ ଷ୍ଟେସନ ଯୋଜନାରେ ରାଜ୍ୟର ଅଣଷଠିଟି ଷ୍ଟେସନର ପୁର୍ନବିକାଶ କରାଯାଉଛି । ସେହିଭଳି କେନ୍ଦ୍ର କ୍ୟାବିନେଟ୍ ୮ଟି ନୂତନ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି । ଏଥିପାଇଁ ୧୯ହଜାର ୨୮୯କୋଟି ଟଙ୍କା ଖର୍ଚ୍ଚ ହେବ । ଗୁଣପୁର-ଥେରୁବାଲି ନୂତନ ରେଳଲାଇନ୍, ଜୁନାଗଡ ରୋଡ଼-ନବରଙ୍ଗପୁର, ମାଲକାନଗିରି-ପଣ୍ଡୁରଙ୍ଗାପୁରମ, ବାଦାମପାହାଡ଼-କେନ୍ଦୁଝରଗଡ଼, ବାଙ୍ଗିରିପୋଷି-ଗୋରୁମହିଷାଣି, ବୁଡାମୋରା-ଚାକୁଳିଆ, ସରଡେଗା-ଭାଲୁମୁଡା ଏବଂ ବରଗଡ ରୋଡ-ନୂଆପଡା ରୋଡ ନୂତନ ରେଳଲାଇନ୍‌କୁ ମଞ୍ଜୁରୀ ମିଳିଛି । ଏନେଇ କେନ୍ଦ୍ରମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଓଡ଼ିଶାର ଅନ୍ୟ ସାଂସଦଙ୍କ ସହ ଆଲୋଚନା କରିଛନ୍ତି ।

## କେନ୍ଦୁପତ୍ର ସଂଘର ବୈଠକ

ବିଧାନସଭା ପରିସରରେ ଆଜି ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ଓଡ଼ିଶା କେନ୍ଦୁପତ୍ର ସଂଘ ସଦସ୍ୟଙ୍କ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ସଂଘର ସଦସ୍ୟମାନେ ସେମାନଙ୍କର ବିଭିନ୍ନ ଦାବି ଓ ସମସ୍ୟା ନେଇ ଉପମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ଶ୍ରୀ ସିଂହଦେଓ କହିଛନ୍ତି କେନ୍ଦୁପତ୍ର ସଂଘର ସମସ୍ତ ଦାବି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରାଯାଇ ଖୁବ୍‌ଶୀଘ୍ର ସମାଧାନର ପନ୍ଥା ବାହାର କରାଯିବ ।

## ଯାନ୍ତ୍ରିକ ଉପକରଣ ରପ୍ତାନୀ

ଓଡ଼ିଶାରୁ ଭୂଟାନକୁ ଆଜି ସଡ଼କ ପଥରେ ଯାନ୍ତ୍ରିକ ଉପକରଣ ରପ୍ତାନୀ ହୋଇଛି । ଭୁବନେଶ୍ୱର ଶିଳ୍ପ ଉଦ୍ୟୋଗୀ ସଂଘ ସହଯୋଗରେ ରପ୍ତାନୀ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ମେକ୍ ଇନ୍ ଇଣ୍ଡିଆ ଯୋଜନାରେ ବିଶ୍ୱସ୍ତରୀୟ ଉପକରଣ ପ୍ରସ୍ତୁତ କରିବାରେ ଓଡ଼ିଶା ନିଜର ସ୍ୱତନ୍ତ୍ର ସ୍ଥାନ ପ୍ରତିଷ୍ଠା କରିଛି ।

## ଜଳସମ୍ପଦ ବିଭାଗ

ଜଳସମ୍ପଦ ବିଭାଗ ଅଧୀନରେ ଥିବା ବିଭିନ୍ନ ପ୍ରକଳ୍ପ ତଥା ଯୋଜନା ଗୁଡ଼ିକର ଅଗ୍ରଗତିକୁ ତଦାରଖ କରିବା ପାଇଁ ରାଜ୍ୟର ସମସ୍ତ ଜିଲ୍ଲାରେ ବିଭାଗୀୟ ଜଳ ଅଧିକାରୀମାନଙ୍କୁ ଜଳପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି । ଏହି ଅଧିକାରୀମାନେ ପ୍ରତି ଦୁଇମାସରେ ଥରେ ନିଜ

ଦାୟିତ୍ୱରେ ଥିବା ଜିଲ୍ଲାକୁ ପରିଦର୍ଶନ କରି ବିଭାଗୀୟ ଯୋଜନା ଗୁଡ଼ିକର ସମୀକ୍ଷା କରିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ, ପାଣି ପଞ୍ଚାୟତ, ବନ୍ୟା ନିୟନ୍ତ୍ରଣ ଆଦି କାର୍ଯ୍ୟ ଗୁଡ଼ିକର ସମୀକ୍ଷା କରିବା ସହ ସମାଧାନ ପାଇଁ ସୁପାରିଶ କରିବେ ।

## ସୁଗମ୍ୟ ଭାରତ ଅଭିଯାନ

ସୁଗମ୍ୟ ଭାରତ ଅଭିଯାନ ଆଜି ୯ ବର୍ଷ ପୂରଣ କରୁଛି। ଦିବ୍ୟାଙ୍ଗମାନଙ୍କ ପାଇଁ ଏକ ସୁଲଭ ଏବଂ ସମାବେଶୀ ଭାରତ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହା ଏକ ପରିବର୍ତ୍ତନଶୀଳ ପଦକ୍ଷେପ। ଏହି ଅଭିଯାନ ଭିତ୍ତିଭୂମି, ପରିବହନ ଏବଂ ସାର୍ବଜନୀନ ସ୍ଥାନକୁ ଅଧିକ ସୁଗମ୍ୟ କରିବା ଉପରେ ଧ୍ୟାନ ଦେଇଥାଏ। ଦିବ୍ୟାଙ୍ଗମାନଙ୍କ ଅଧିକାର, ଆବଶ୍ୟକତା ଏବଂ ସୁଲଭ ସାର୍ବଜନୀନ ପରିବହନ ଉପରେ ସଚେତନତା ସୃଷ୍ଟି ଏହି ଅଭିଯାନର ମୂଳ ଲକ୍ଷ୍ୟ। ଏହି ଅଭିଯାନ ଲକ୍ଷ ଲକ୍ଷ ଦିବ୍ୟାଙ୍ଗମାନଙ୍କୁ ମର୍ଯ୍ୟାଦା ଏବଂ ସମ୍ମାନର ସହ ଜୀବନଯାପନ କରିବାରେ ସକ୍ଷମ କରିଛି। ହଜାର ହଜାର ସରକାରୀ କୋଠା ଏବଂ ପରିବହନ ସୁବିଧାର ପୁନରୁଦ୍ଧାର ଆରମ୍ଭ କରି ସାଙ୍କେତିକ ଭାଷା ତାଲିମ୍ କାର୍ଯ୍ୟକ୍ରମର ବିକାଶ ପର୍ଯ୍ୟନ୍ତ ଏହି ଅଭିଯାନ ସାର୍ବଜନୀନ ଉପଲବ୍ଧତା ପାଇଁ ମୂଳଦୁଆ ପକାଇଛି। ସୁଗମ୍ୟ ଭାରତ ଅଭିଯାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ। ଏହା କେବଳ ଦିବ୍ୟାଙ୍ଗମାନଙ୍କୁ ସଶକ୍ତ କରିବା ମାଧ୍ୟମ ନୁହେଁ ବରଂ ସେମାନଙ୍କୁ ଆତ୍ମସମ୍ମାନ ଓ ସାମର୍ଥ୍ୟର ସହ ବଞ୍ଚିବାକୁ ସକ୍ଷମ କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି। ସେହିଭଳି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ସାମାଜିକ ସୁରକ୍ଷା ଓ

ସମାନତା ପାଇଁ ଶିକ୍ଷା ଏକ ବିରାଟ ଅସ୍ତ୍ର। ଜାତୀୟ ଶିକ୍ଷାନୀତି-୨୦୨୦ ସମସ୍ତ ପ୍ରତିବନ୍ଧକକୁ ଏଡ଼ାଇବାରେ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

## ଭିନ୍ନକ୍ଷମ ଦିବସ ପାଳିତ

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଅବସରରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି ।

କଟକ କଳାବିକାଶ କେନ୍ଦ୍ରଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗମାନଙ୍କ ଉନ୍ନତି ପାଇଁ ଉତ୍ସର୍ଗୀକୃତ ମନୋଭାବ ସହ କାର୍ଯ୍ୟ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବାରବାଟୀ ଷ୍ଟାଡିୟମରୁ ଏକ ର୍ୟାଲି ବାହାରି କଳାବିକାଶ କେନ୍ଦ୍ର ପର୍ଯ୍ୟନ୍ତ ଯାଇଥିଲା ।

ନୟାଗଡରେ ଅନୁଷ୍ଠିତ ଭିନ୍ନକ୍ଷମ ଦିବସ କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ସଶକ୍ତିକରଣ ପାଇଁ ସାମୁହିକ ପ୍ରଚେଷ୍ଟା ଲୋଡା ବୋଲି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ କହିଛନ୍ତି। ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା ।

ଭଦ୍ରକ ଜିଲ୍ଲା ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୋଭାଯାତ୍ରାକୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

କେନ୍ଦ୍ରାପଡା ଜିଲ୍ଲାରେ ଏହି ଦିବସ ଉପଲକ୍ଷେ ସଚେତନତା ରଥ ସହର ପରିକ୍ରମା କରିବା ସହ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା ।

ବୌଦ୍ଧ ଟାଉନ୍‌ହଲ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରାଯାଇଥିଲା ।

ସୁବର୍ଣ୍ଣପୁର ଜିଲ୍ଲାରେ ଏହି ପରିପ୍ରେକ୍ଷୀରେ ପଦଯାତ୍ରା ଅନୁଷ୍ଠିତ ହେବା ସହ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା ।

ସମ୍ବଲପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗମାନଙ୍କୁ କୃତ୍ରିମ ଗୋଡ଼, ସିଲେଇ ମେସିନ୍, ହ୍ୱିଲ୍ ଚେୟାର, ଟ୍ରାଇ ସାଇକଲ ଆଦି ପ୍ରଦାନ କରାଯାଇଥିଲା ।